# ଯାତନା – ଏକ ସଂକ୍ଷିପ୍ତ ସୂଚନା

ପ୍ରାଚୀନ ସମୟରୁ ଭାରତରେ 'ଯାତନା'ର ଅଭ୍ୟାସ ବ୍ୟାପକ ଓ ପ୍ରଭାବଶାଳୀ ହୋଇ ରହିଛି । ଏହି ଅଭ୍ୟାସ କୌଣସି ଆହ୍ୱାନର ସମ୍ମୁଖୀନ ନ ହେବା ବା ଏଥି ପ୍ରତି କୌଣସି ପ୍ରତିବାଦ ହେଉନଥିବା ହେତୁ ଏହା ଏକ ସାଧାରଣ ଏବଂ ସ୍ୱୀକୃତ ଅଭ୍ୟାସ ଭାବେ ସବୁଆଡ଼େ ଗ୍ରହଣୀୟ ହୋଇଯାଇଛି । ନିୟମ କାର୍ଯ୍ୟକାରୀ କରୁଥିବା ସଂସ୍ଥା ଦ୍ୱାରା ଅପରାଧ ଅନୁସନ୍ଧାନ ବା ସ୍ୱୀକାରୋକ୍ତି ଆଦାନ ପାଇଁ ପ୍ରଦାନ କରାଯାଉଥିବା ଦଣ୍ଡ ଦ୍ୱାରା ଯାତନା ବିଧାନ କରାଯାଏ । କେବଳ ଏତିକି ନୁହେଁ, ଯୋଗ୍ୟ ଆବେଦନକାରୀ, ଅଭିଯୋଗକାରୀ ବା ସୂଚନା ପ୍ରଦାନକାରୀଙ୍କ ପ୍ରତି ମଧ୍ୟ ନୃସଂଶ, ଅମାନବୀୟ ଓ ଅବକ୍ଷୟୀ ବ୍ୟବହାର ପ୍ରଦର୍ଶନ କରାଯାଇଥାଏ ଯାହା ମନୁଷ୍ୟର ଗାରିମାକୁ କ୍ଷୁର୍ଣ୍ଣ କରେ । ହାଜତରେ ଧର୍ଷଣ, ଟଣାଓଟରା ଏବଂ ଅନ୍ୟ ପ୍ରକାରେ ଯୌନ ଶୋଷଣ ଦ୍ୱାରା ମହିଳାଙ୍କ ପ୍ରତି ଯାତନା ବିଧାନ ହୁଏ । ଆଶ୍ଚର୍ଯ୍ୟଜନକ ଭାବେ ଏହା ଦେଖାଯାଇଛି ଯେ, ଅଧିକାଂଶ ଯାତନା ଜନିତ ଘଟଣାରେ ସମାଜର ଗରୀବ ଏବଂ ସମ୍ବେଦନଶୀଳ ଅଂଶ ହିଁ ପିଡ଼ିତ ହୁଅନ୍ତି । ଏହା ବ୍ୟତୀତ, ଅଧିକାଂଶ ଯାତନା ସଂକ୍ରାନ୍ତୀୟ ଘଟଣା ଲୋକଲୋଚନକୁ ଆସିପାରୁ ନାହିଁ କାରଣ ପିଡ଼ିତ ଯାତନା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନକୁ ଭୟକରି ନିରବ ରହିବା ଶ୍ରେୟ ମନେକରେ । ଏଥିହେତୁ ଭାରତରେ ଅପରାଧିମାନେ ବହୁତ କମ ଆଇନଗଣ କାର୍ଯ୍ୟାନୁଷ୍ଠାନ ଭିତରେ ଆସନ୍ତି । ପ୍ରକାରାନ୍ତେ ଏହା ଅରାଜକତା ଓ ନିୟମ କାନୁନ ନଥିବା ଏକ ପରିବେଶକୁ ପ୍ରୋତ୍ସାହିତ କରିବାରେ ସହାୟକ ହୁଏ । ଏହା ଭାରତରେ ଯାତନାର